**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**26 MAY– 2026**

# ପିଏମ୍‌-୧୨ ଇୟର

ଏନ୍‌ଡିଏ ନେତୃତ୍ୱାଧୀନ କେନ୍ଦ୍ର ସରକାର ଆଜି ୧୨ ବର୍ଷ ପୂରଣ କରିଛି । ଭାରତର ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦୀ ଦୀର୍ଘ ୧୨ ବର୍ଷର କାର୍ଯ୍ୟକାଳ ପୂରଣ କରିଛନ୍ତି ।

୨୦୧୪ ମସିହା ମଇ ମାସ ୨୬ ତାରିଖ ସନ୍ଧ୍ୟାରେ ରାଷ୍ଟ୍ରପତି ଭବନ ପ୍ରାଙ୍ଗଣରେ ଦେଶର ଚତୁର୍ଦ୍ଦଶ ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦୀ ଶପଥ ଗ୍ରହଣ କରିଥିଲେ । କୋଟି କୋଟି ଭାରତୀୟଙ୍କ ପାଇଁ ନୂତନ ଆଶା ସଂଚାର କରି ଦେଶର ପ୍ରମୁଖ ନେତୃତ୍ୱ ଭାବରେ ଶ୍ରୀ ମୋଦୀ ଦାୟିତ୍ୱ ଗ୍ରହଣ କରିଥିଲେ ।

# ପ୍ରଧାନମନ୍ତ୍ରୀଙ୍କ ସହ ସାକ୍ଷାତ୍‌ କଲେ ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ୍‌ କରି ରାଜ୍ୟ ବିଜେପି ସରକାରର ୨ ବର୍ଷ ପୂର୍ତ୍ତି ସମାରୋହରେ ଯୋଗଦେବାକୁ ଆମନ୍ତ୍ରଣ କରିଛନ୍ତି । ଗତକାଲି ସେବାତୀର୍ଥରେ ପ୍ରଧାନମନ୍ତ୍ରୀଙ୍କ ସହ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିବା ଜଣାପଡିଛି । ଆସନ୍ତା ଜୁଲାଇ ୧୨ରେ ରାଜ୍ୟ ବିଜେପି

ସରକାର ୨ବର୍ଷ ପୂରଣ କରୁଥିବାରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ଜଣାପଡିଛି ।

## ବୈଷୟିକ ସମ୍ମିଳନୀ

ପୁରୀଠାରେ ଆସନ୍ତାମାସ ୩ରୁ ୫ ତାରିଖ ପର୍ଯ୍ୟନ୍ତ ବ୍ରିକ୍ସ ଦେଶ ସମୁହର ବିପର୍ଯ୍ୟୟ ହ୍ରାସ କାର୍ଯ୍ୟକାରୀ ଗୋଷ୍ଠୀର ବୈଷୟିକ ସମ୍ମିଳନୀ ଅନୁଷ୍ଠିତ ହେବ । ସମ୍ମିଳନୀରେ ଭାରତ ସମେତ ୧୦ଟି ଦେଶର ପ୍ରତିନିଧି ଓ ବିଶେଷଜ୍ଞମାନେ ବିପର୍ଯ୍ୟୟ ପରିଚାଳନା, ପ୍ରତିରୋଧ କ୍ଷମତା ଓ ଅନ୍ତର୍ଜାତୀୟ ସହଯୋଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବେ । ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ସଫଳତାକୁ ଦୃଷ୍ଟିରେ ରଖି ଓଡ଼ିଶାକୁ ଆୟୋଜକ ଭାବେ ଚୟନ କରାଯାଇଛି ।

## ଧାନସଂଗ୍ରହ ବୃଦ୍ଧି

ରାଜ୍ୟରେ ଚାଷୀ ସଂଖ୍ୟାରେ ୧୪ ପ୍ରତିଶତ ବୃଦ୍ଧି ଘଟିଥିବାବେଳେ ଗତବର୍ଷ ତୁଳନାରେ ଧାନ ସଂଗ୍ରହରେ ୫.୪/୮ ପ୍ରତିଶତ ବୃଦ୍ଧି ଘଟିଛି । ବର୍ଦ୍ଧିତ ଧାନ ସଂରକ୍ଷଣ ପାଇଁ ଭାରତୀୟ ଖାଦ୍ୟ ନିଗମ ଅଧିକ ଅମଳ ହେଉଥିବା ଅଞ୍ଚଳରେ ନୂଆ ଗୋଦାମ ଘର ନିର୍ମାଣ କରିବ ବୋଲି ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟି ବୈଠକରୁ ଜଣାପଡିଛି । ୨୦୨୫-୨୬ ରବି ଫସଲର ଖରିଫ ବିପଣନ ଋତୁରେ ଧାନସଂଗ୍ରହ ପ୍ରକ୍ରିୟାକୁ ବ୍ୟବସ୍ଥିତ କରିବା ନେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ

ବୈଠକରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦିଆଯିବ ବୋଲି ଜଣାପଡିଛି ।

## ଆକାଶବାଣୀ - ୯୦ ବର୍ଷ ପୂର୍ତ୍ତି

ଦେଶର ସାର୍ବଜନୀନ ପ୍ରସାରଣ ସେବା ଯୋଗାଇ ଆସୁଥିବା ଆକାଶବାଣୀ ଚଳିତ ବର୍ଷ ୯୦ ବର୍ଷ ପୂର୍ତ୍ତି ପାଳନ କରୁଛି । ଏହି ଅବସରରେ ଆଜି ଏକ ପଦଯାତ୍ରାର ଆୟୋଜନ କରାଯାଇଛି । କାର୍ଯ୍ୟକ୍ରମରେ ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ ସାବିତ୍ରୀ ରଥ, ଜଷ୍ଟିସ ଶିବଶଙ୍କର ମିଶ୍ର ଏବଂ କଟକ ମହାନଗର ନିଗମର କମିଶନର କିରଣଦୀପ କୌର ସହୋଟା ଯୋଗ ଦେଇଛନ୍ତି ।

୧୯୩୬ ମସିହାରେ ଆକାଶବାଣୀ - ଅଲ୍ ଇଣ୍ଡିଆ ରେଡିଓ କାର୍ଯ୍ୟ ଆରମ୍ଭ କରିଥିଲା । ଆଜି ସକାଳ ୭ଟାରୁ କଟକସ୍ଥିତ ଜବାହରଲାଲ୍ ନେହେରୁ ଇଣ୍ଡୋର ଷ୍ଟାଡିୟମ୍‌ଠାରୁ ବାହାରିଥିବା ପଦଯାତ୍ରା ବାରବାଟୀ ଷ୍ଟାଡିୟମ୍‌ରେ ପହଞ୍ଚିବ ।

## ରଥଯାତ୍ରା ପ୍ରସ୍ତୁତି ବୈଠକ

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ଓ ସ୍ନାନଯାତ୍ରା ଆୟୋଜନ ନେଇ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ନାନଯାତ୍ରା ଓ ରଥଯାତ୍ରା ସମୟରେ ଶୃଙ୍ଖଳିତ ନୀତିକାନ୍ତି ଓ ପହଣ୍ଡି ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ଦଇତାପତି ନିଯୋଗ ପକ୍ଷରୁ କାର୍ଯ୍ୟସୂଚୀ

ଅନୁଯାୟୀ ସମସ୍ତ ନୀତିକାନ୍ତି ଧାର୍ଯ୍ୟ ସମୟରେ କରାଯିବାକୁ ସ୍ଥିର କରାଯାଇଥିବା ଜଣାପଡିଛି ।

## ଯୁବ ସଂଗମ

କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ଏକ ଭାରତ ଶ୍ରେଷ୍ଠ ଭାରତ କାର୍ଯ୍ୟକ୍ରମ ଅଧୀନରେ ଯୁବ ସଂଗମର ଷଷ୍ଠ ପର୍ଯ୍ୟାୟରେ ଗୁଜୁରାଟର ଅଣଚାଳିଶ ଜଣ ଯୁବ ପ୍ରତିନିଧି ଓଡ଼ିଶା ଗସ୍ତରେ ଆସି ରାଉରକେଲାର ଏନ୍ଆଇଟିରେ ପହଞ୍ଚିଛନ୍ତି । ୬ଦିନିଆ କାର୍ଯ୍ୟକ୍ରମରେ ଯୁବ ପ୍ରତିନିଧିମାନେ ରାଉରକେଲା ଇସ୍ପାତ କାରଖାନା, ବିର୍ସାମୁଣ୍ଡା ହକି ଷ୍ଟାଡିୟମ, ଆଦିବାସୀ ସଂଗ୍ରହାଳୟ, କୋଣାର୍କ ସୂର୍ଯ୍ୟମନ୍ଦିର, ସମ୍ବଲପୁରର ସମଲେଶ୍ୱରୀ ମନ୍ଦିର ଓ ହୀରାକୁଦ ବନ୍ଧ ସମେତ ରାଜ୍ୟର ବିଭିନ୍ନ ଐତିହାସିକ, ଶିଳ୍ପ ଓ ଗ୍ରାମୀଣ ବିକାଶ କେନ୍ଦ୍ର ପରିଦର୍ଶନ କରିବେ ।

## ଇଦ୍ ଉଲ୍ ଜୁହା ତାରିଖ

ରାଜ୍ୟ ସରକାର ଇଦ୍ ଉଲ୍ ଜୁହା ନିମନ୍ତେ ଚଳିତମାସ ୨୭ ତାରିଖ ବୁଧବାର ପରିବର୍ତ୍ତେ ୨୮ ତାରିଖ ଗୁରୁବାର ଛୁଟି ଘୋଷଣା କରିଛନ୍ତି । ସେହିଦିନ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ତଥା ମାଜିଷ୍ଟ୍ରେରିଆଲ କୋର୍ଟ ବନ୍ଦ ରହିବ । ପୂର୍ବଘୋଷିତ ୨୭ ତାରିଖ ଦିନ ସମସ୍ତ କାର୍ଯ୍ୟାଳୟ ଖୋଲା ରହିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ଭୋଟର ତାଲିକା ସଂଶୋଧନ

ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ଆସନ୍ତା ୩୦ ତାରିଖରୁ ଆରମ୍ଭ ହେଉଥିବାବେଳେ ବୁଥ୍‌ସ୍ତରୀୟ ଅଧିକାରୀ ଓ ସୁପରଭାଇଜର ମାନଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଏସ୍‌ଆଇଆର୍ କାର୍ଯ୍ୟରେ ନିଯୁକ୍ତ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ପାଇଁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛି । ପୂର୍ବାହ୍ନ ୧୧ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ କାର୍ଯ୍ୟକ୍ଷେତ୍ରକୁ ନ ଯିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

# ଟ୍ରେନ୍ କର୍ମଚାରୀ ସମ୍ମାନିତ

ସୁରକ୍ଷିତ ଟ୍ରେନ୍ ପରିଚାଳନା କ୍ଷେତ୍ରରେ ସତର୍କତା ଏବଂ ସମର୍ପଣ ପାଇଁ ପୂର୍ବତଟ ରେଳପଥର ୬ଜଣ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଛି । ସମ୍ପୃକ୍ତ କର୍ମଚାରୀମାନଙ୍କ ଉପସ୍ଥିତ ବୁଦ୍ଧି ଓ ସତର୍କତା ଯୋଗୁଁ ସମ୍ଭାବ୍ୟ ଦୁର୍ଘଟଣା ରୋକାଯାଇ ପାରିଥିବା ରେଳବାଇ ପକ୍ଷରୁ କୁହାଯାଇଛି । ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସେହି କର୍ମଚାରୀମାନଙ୍କୁ ସମ୍ମାନିତ କରିଛନ୍ତି ।

# ଇନ୍ଧନ ଗ୍ୟାସ୍ ମହଜୁଦ

ନବରଙ୍ଗପୁର ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ଜିଲ୍ଲାରେ ପର୍ଯ୍ୟାପ୍ତ ପରିମାଣର ଇନ୍ଧନ ଓ ରନ୍ଧନ ଗ୍ୟାସ୍ ମହଜୁଦ ଥିବା କୁହାଯାଇଛି ।

ରିପୋର୍ଟ ଅନୁଯାୟୀ ଜିଲ୍ଲାରେ ୪ଲକ୍ଷ ଲିଟରରୁ ଅଧିକ ପେଟ୍ରୋଲ ଓ ଡିଜେଲ ମହଜୁଦ ଥିବା ଜଣାପଡିଛି ।

## ପ୍ରଶିକ୍ଷଣ ମହା ଅଭିଯାନ

ନବରଙ୍ଗପୁର ଜିଲ୍ଲାସ୍ତରୀୟ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହା ଅଭିଯାନ ଛତିଶଗଡସ୍ଥିତ ଚିତ୍ରକୂଟଠାରେ ଅନୁଷ୍ଠିତ ହୋଇଯାଇଛି । ୨୦୦ରୁ ଅଧିକ ପ୍ରଶିକ୍ଷାର୍ଥୀ ୧୨ଟି ବିଷୟରେ ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି । କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସାଂସଦ ବଳଭଦ୍ର ମାଝି ପ୍ରମୁଖ ଯୋଗ ଦେଇଥିଲେ ।

## ପାଣିପାଗ

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି। ଅତ୍ୟଧିକ ଗ୍ରୀଷ୍ମପ୍ରବାହ ନେଇ ସମ୍ବଲପୁର, ବଲାଙ୍ଗିର ଓ ବୌଦ୍ଧ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୨୪ଘଣ୍ଟା ମଧ୍ୟରେ ୨୧ଟି ଜିଲ୍ଲାକୁ କାଳବୈଶାଖୀ ପ୍ରଭାବରେ ଝଡ଼ବର୍ଷା ନେଇ ସତର୍କ କରାଯାଇଛି । ଗତକାଲି ସର୍ବାଧିକ ଦିନ ତାପମାତ୍ରା ବୌଦ୍ଧରେ ୪୫ ଦଶମିକ ୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲା ।